# ରାଉରକେଲା ମହାନଗର ନିଗମ, ରାଉରକେଲା

ଇ.ମେଲ.ଆଇଡ଼ିରାଉରକେଲା ମ୍ୟୁନିସିପାଲିଟି ଆର୍ଟ;ଡିରେଟ୍ ଜିମେଲ.କମ୍ ଟେଲିଫୋନ ନଂ-୦୬୬୧-୨୪୦୦୩୮ ପିନ୍-୭୬୯୦୧୨

**ପତ୍ରସଂଖ୍ୟା 17653 ତାରିଖ 15/12/17**

## ବିଜ୍ଞାପନ

ଏତଦ୍ୱାରା ରାଉରକେଲା ସହରର ବିଭିନ୍ନ ବର୍ଗ ସମସ୍ତ ଶ୍ରେଣୀର ବ୍ୟବସାୟୀ ଓ ଦୋକାନ ମାଲିକ ମାନଙ୍କ, ବ୍ୟବସାୟ ସଂସ୍ଥା, ଅନୁଷ୍ଠାନ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସେମାନେ ସେମାନଙ୍କ ଅନୁଷ୍ଠାନ ଦୋକାନ ତଥା ବ୍ୟବସାୟର ପଞ୍ଜିକରଣ (Trade License) ତା ୩୧.୧୨.୨୦୧୭ ସୁଦ୍ଧା ମହାନଗର ନିଗମ ବିଭିନ୍ନ ଅଂଚଳରେ ମହାନଗର ନିଗମ ତରଫରୁ ଖୋଲିଥିବା/ଆୟୋଜିତ କ୍ୟାମ୍ପ ରେ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ପଞ୍ଜିକରଣ registration କରିବା ସହିତ ଧାର୍ଯ୍ୟ କରାଯାଇଥିବା ଟ୍ରେଡ୍ ଲାଇସେନ୍ସ ଫିସ୍ ପଇଠ କରନ୍ତୁ, ନଚେତ୍ ରାଉରକେଲା ମହାନଗର ନିଗମ ବିପଦପୂର୍ଣ୍ଣ ଏବଂ ଦୋଷାବହ ବ୍ୟବସା ବା ବୃତି ଉପବିଧି-୨୦୧୭ ଆଇନ୍ ଅନୁଯାୟୀ ମହାନଗର ନିଗମ ଦ୍ୱାରା ଖିଲାପକାରୀ ତଥା ଅଣଲାଇସେନ୍ସ ପ୍ରାପ୍ତ ପଞ୍ଜିକୃତ ହୋଇନଥିବା ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଯିବା ସହିତ ତଦନ୍ତ ବେଳେ ଟ୍ରେଡ୍ ଲାଇସେନ୍ସ ଫିସ୍ ସହିତ ଜୋରିମାନା (ଫାଇନ୍) ଆଦାୟ କରାଯିବ।

ବିଭିନ୍ନ ବର୍ଗର ବ୍ୟବସାୟ, ବାଣିଜ୍ୟର ପ୍ରକାର ଓ ବାର୍ଷିକ ଟ୍ରେଡ଼ ଲାଇସେନ୍ସ ଫିସ୍ ହାର ରାଉରକେଲା ମହାନଗର ନିଗମ ୱେବ୍ ସାଇଟ୍ www.rmc.nic.in ରେ ଉପଲବଧ୍ ଅଟେ।

| କ୍ର.ସଂ | ତାରିଖ | ସ୍ଥାନ ( କ୍ୟାମ୍ପ ସ୍ଥଳୀ) | ସମୟ |
|---|---|---|---|
| ୧. | ୧୮.୧୨.୨୦୧୭ ଠାରୁ ୧୯.୧୨.୨୦୧୭ | ଅମର ଭବନ, ଡ଼େଲି ମାର୍କେଟ୍, କୋଏଲ ନଗର ମାର୍କେଟ, ମଧୁସୂଦନ ପଲ୍ଲୀ ଡ଼ିସପେନସାରୀ | ପୂର୍ବାହ୍ନ ୯.୦୦ ଘଟିକା ଠାରୁ ଅପରାହ୍ନ ୪.୦୦ ଘଟିକା |
| ୨. | ୨୦.୧୨.୨୦୧୭ ଠାରୁ ୨୧.୧୨.୨୦୧୭ | ଉଦିତ୍ ନଗର ଓଭରବ୍ରିଜ୍, ଜନତା ବିପଣୀ ମାର୍କେଟ ଏସ୍.ଟି.ଆଇ, ନିର୍ମଳ ମାର୍କେଟ୍ | ପୂର୍ବାହ୍ନ ୯.୦୦ ଘଟିକା ଠାରୁ ଅପରାହ୍ନ ୪.୦୦ ଘଟିକା |
| ୩. | ୨୨.୧୨.୨୦୧୭ ଠାରୁ ୨୩.୧୨.୨୦୧୭ | ପାନପୋଷ ମାର୍କେଟ, ବାସନ୍ତୀ କଲୋନୀ ମାର୍କେଟ, ଛେଣ୍ଡ ମାର୍କେଟ୍ | ପୂର୍ବାହ୍ନ ୯.୦୦ ଘଟିକା ଠାରୁ ଅପରାହ୍ନ ୪.୦୦ ଘଟିକା |

15/12/17

ମ୍ୟୁନିସିପାଲ୍ କମିଶନର
ରାଉରକେଲା ମହାନଗର ନିଗମ

ଜ୍ଞାପକ ସଂଖ୍ୟା 17654 ତା 15/12/17
ଏହାର ଏକକିତା ନକଲ ଅଫିସ୍ ବୋର୍ଡ଼ ରେ ସମସ୍ତଙ୍କ ଜାଣିବା ନିମନ୍ତେ ଟଙ୍ଗାଇ ଦିଆଗଲା।

15/12/17

ମ୍ୟୁନିସିପାଲ୍ କମିଶନର
ରାଉରକେଲା ମହାନଗର ନିଗମ

**ଜ୍ଞାପକ ସଂଖ୍ୟା 17654(2) ତା 15/12/17**
ଏହାର ଏକକିତା ନକଲ ବିଜ୍ଞାପନ ମ୍ୟାନେଜର, ସମାଜ/ପ୍ରମେୟ, ଓଡ଼ିଆ ଦୈନିକ /ଦୈନିକ ଜାଗରଣ (ହିନ୍ଦୀ) ଖବରକାଗଜ ଦୈନିକ ପତ୍ରରେ ସଳ୍ପ ମୂଲ୍ୟରେ ଏକଦିନ ପ୍ରକାଶନ ପାଇଁ ଅନୁରୋଧ କରାଗଲା।

ଏହାର ଏକକିତା ନକଲ MIS Programmer , www.rmc.nic.in **ରେ ପ୍ରକାଶନ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଗଲା।**

15/12/17

ମ୍ୟୁନିସିପାଲ୍ କମିଶନର
ରାଉରକେଲା ମହାନଗର ନିଗମ

ଜ୍ୟୋତି/-